**ବିଦ୍ୟୁତ୍ ବିଭ୍ରାଟ ରୋକିବାକୁ ଆରମ୍ଭ ହେଲା କେବୁଲ ଯୋଗାଣ**

ରାଜକନିକା, (ଡି.ଏନ.ଏ.): ରାଜକନିକା ବ୍ଲକର ଗ୍ରାମାଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଥିବାରୁ ବହୁ ସମୟରେ ଲୋକେ ରାତିରେ ଅନ୍ଧାରରେ ରହୁଥିଲେ। ମାଟି ତଳେ କେବୁଲ ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ହେବା ପାଇଁ ଇତିମଧ୍ୟରେ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ଟାଟା କମ୍ପାନୀ ପକ୍ଷରୁ ଟ୍ରକରେ କେବଲ ରାଜକନିକା ଅଞ୍ଚଳକୁ ଆସିଥିବା ଜଣାପଡିଛି। ଏହି କେବୁଲ ମାଟି ତଳେ ଗଲେ ବିଦ୍ୟୁତ୍ ବିଭ୍ରାଟ ହେବ ନାହିଁ ବୋଲି ଜଣାପଡିବାରୁ ଗ୍ରାହକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ସଂକ୍ଷେପରେ

### ମା'ସିଦ୍ଧିଦାତ୍ରୀଙ୍କ ଚନ୍ଦ୍ରଘଣ୍ଟା ବେଶ



ନାଉଗାଁ,୮।୧୦(ସ୍ୱ.ପ୍ର.): ଜଗତ୍‌ସିଂହପୁର ବ୍ଲକ ସରାଧ୍ୟୋସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶୁକ୍ରବାର ଶାରଦୀୟ ପାର୍ବଣର ୧୦ ଦିନ ଓ ନବରାତ୍ର ପୂଜାର ୩ୟ ଦିବସରେ ମା'ଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ସୁସଜ୍ଜିତ କରାଯାଇଛି। ଆଶ୍ରମର ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ଆୟୋଜନ କରାଯାଇଛି।

### ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିକୁଦା, ୮।୧୦(ସ୍ୱ.ପ୍ର.): ଭାଉଜଙ୍କୁ ପନିକିରେ ହାଣି ଗୁରୁତର କରିବା ଅଭିଯୋଗରେ ଶୁକ୍ରବାର ବାଲିକୁଦା ପୋଲିସ ଦିଅରଙ୍କୁ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଆଲିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି । ସେ ହେଲେ କୃଷ୍ଣଦାସପୁର ପଞ୍ଚାୟତ ସିଂହାରପୁର ଗାଁର ପ୍ରଶାନ୍ତ ନାୟକ। ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ପ୍ରଶାନ୍ତ ନିଶାଶକ୍ତ ଅବସ୍ଥାରେ ଘରକୁ ଆସି ଝଗଡ଼ା କରିଥିଲେ। ପରିବାର ଲୋକଙ୍କ ସମେତ ବଡ଼ ଭାଉଜ ଦେବଦାସୀ ସାହାଣୀ ଏହାର ପ୍ରତିବାଦ କରିଥିଲେ । ଏଥିରେ ପ୍ରଶାନ୍ତ ରାଗିଯାଇ ରୋଷେଇ ଘରେ ପଡ଼ିଥିବା ଏକ ପନିକିରେ ବଡ଼ ଭାଉଜଙ୍କୁ ଆକ୍ରମଣ କରିଥିଲେ। ହାତରେ ପନିକି ବାଜିବାରୁ ସାହାଣୀ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ଥାନାରେ ଅଭିଯୋଗକ୍ରମେ ମାମଲା (ନଂ.୩୫୨/୨୧)ରୁଜୁ ହୋଇଛି।

### ୪ ଫେରାର ଅଭିଯୁକ୍ତ ଗିରଫ

ବାଲିକୁଦା, ୮।୧୦(ସ୍ୱ.ପ୍ର.): ବାଲିକୁଦା ପୋଲିସ ଗୁରୁବାର ରାତିରେ ଆମ୍ବଶାଳ ଗ୍ରାମରୁ ୩ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ପ୍ରଶାନ୍ତଦାସ, ଜୟରାମ ଦାସ ଓ ସୁକାନ୍ତ ଦାସ। ସେମାନଙ୍କ ନାମରେ ପୂର୍ବରୁ ମାମଲା (ନଂ. ୧୯୨/୧୩) ରୁଜୁ ହୋଇଥିଲା। ମାତ୍ର ଅଭିଯୁକ୍ତମାନେ ପୋଲିସ ହାତରେ ଧରାପଡୁ ନ ଥିଲେ। ତୁରନ୍ତ ସେମାନଙ୍କୁ ଗିରଫ କରି ହାଜିର କରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଅନନ୍ତପୁର ଫାଣ୍ଡି ଅଞ୍ଚଳରେ ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଧାନ ବିଲରେ ଗୋଡ଼େଇ ଗୋଡ଼େଇ ଧରିଛି। ଅଭିଯୁକ୍ତ ହେଲେ ଏହି ଫାଣ୍ଡି ଅଧୀନ ନଲରା ଗ୍ରାମର ବଂଶୀଧୀ ସ୍ୱାଇଁ। ତାଙ୍କ ନାମରେ ବହୁ ପୁରୁଣା ମାମଲା ରହିଛି । ଅଦାଲତ ତାଙ୍କ ବିରୋଧରେ ଜାମିନି ବିହିନ ଗିରଫ ପରୱାନା ଜାରି କରିଥିଲା। ଏହି ନିର୍ଦ୍ଦେଶକ୍ରମେ ପୋଲିସ ତାଙ୍କୁ ଧରିବାକୁ ଗ୍ରାମକୁ ଯାଇଥିବା ବେଳେ ବଂଶୀବନ୍ଧୁ ଖସିପଳାଇବାକୁ ଚେଷ୍ଟା କରିଥିଲେ। ଫାଣ୍ଡି ଏସ୍‌ଆଇ ଅନିରୁଦ୍ଧ ନାୟକ ତାଙ୍କୁ ପିଛା କରି ଧାନ ବିଲରୁ ବହୁ କଷ୍ଟରେ କାବୁ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଧରିବାବେଳର ଦୃଶ୍ୟ ଭାଇରାଲ ହୋଇଛି।

### ମହିଳାଙ୍କୁ ଦୁର୍ବ୍ୟବହାର, ଶିକ୍ଷକ ନିଲମ୍ବିତ

ରାଜନଗର,୮।୧୦(ଡି.ଏନ.ଏ.): ରାଜନଗର ବ୍ଲକ ଡିଅର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ଲେଙ୍କାଙ୍କୁ ଶୁକ୍ରବାର ଚାକିରିରୁ ଶୁକ୍ରବାର ନିଲମ୍ବନ କରାଯାଇଛି। କାର୍ଯ୍ୟରେ ଅବହେଳା କରିବା ସହ ମିଶନ ଶକ୍ତି ମହିଳାମାନଙ୍କୁ ଖରାପ ଆଚରଣ ପ୍ରଦର୍ଶନ କରିବା କାରଣରୁ ଶିକ୍ଷକଙ୍କୁ ଏହି ଦଶା ଭୋଗିବାକୁ ପଡିଛି। ତାଙ୍କୁ ଚାକିରୀରୁ ନିଲମ୍ବନ କରାଯିବା ସହ ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ତାଙ୍କ ହେଡକ୍ୱାର୍ଟର ଫିକ୍ସ କରାଯାଇଛି। କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ରାଜନଗର ଗସ୍ତ ସମୟରେ ମିଶନ ଶକ୍ତି କାଫେରେ ମହିଳାମାନେ ତାଙ୍କୁ ଶିକ୍ଷକ ଲେଙ୍କା ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ କରିଥିଲେ। ପରେ ଜିଲାପାଳ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରିବାକୁ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟାରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ରାଜନଗର ବ୍ଲକ ଶିକ୍ଷାଧିକାରୀ ଅନିଲ କୁମାର ବଳ ଶିକ୍ଷକ ଲେଙ୍କାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି।

# ଆଶାୟୀଙ୍କ ମଧ୍ୟରେ ହେଲାଣି ହଲ୍‌ଚଲ

■ଆସିଲା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ଚିଠା
■୫୦ ପ୍ରତିଶତରେ ରହିଛି ସଂରକ୍ଷଣ ତାଲିକା
■ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଂରକ୍ଷଣ ପ୍ରସ୍ତାବ ଚିଠା

କେନ୍ଦ୍ରାପଡ଼ା ଅଫିସ, ୮।୧୦

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷିତ ସ୍ଥାନ ତାଲିକା ଶୁକ୍ରବାର ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ଜିଲାର ୩,୬୯୮ ୱାର୍ଡ ସଭ୍ୟ, ୨୪୯ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୩୨ଟି ଜିଲା ପରିଷଦ ସଭ୍ୟ ଓ ୯ଟି ବ୍ଲକ ଅଧ୍ୟକ୍ଷ ପଦର ସଂରକ୍ଷଣ ତାଲିକାର ଚିଠା ପ୍ରସ୍ତାବକୁ ମୋହର ମାରିଛନ୍ତି। ସଂରକ୍ଷଣ ପ୍ରସ୍ତାବ ଚିଠା ଆଗତ ପରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ହଲଚଲ ଆରମ୍ଭ ହୋଇଯାଇଛି। ଜିଲାପାଳ ଓ ବ୍ଲକ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଆଶାୟୀ ପ୍ରାର୍ଥୀମାନେ ସଂରକ୍ଷଣ ଚିଠାକୁ ତନଖି କରୁଥିବା ଦେଖାଯାଇଛି।

ଜିଲା ପ୍ରଶାସନ ପକ୍ଷରୁ ୧୯୯୭ଠାରୁ ଗତ ୨୦୧୭ ମସିହା ପର୍ଯ୍ୟନ୍ତ ନିରନ୍ତର ସଂରକ୍ଷଣ ନିୟମକୁ ଆଧାର କରି ଚଳିତ ବର୍ଷର ସଂରକ୍ଷଣ ତାଲିକାକୁ ପ୍ରସ୍ତୁତ କରିଛନ୍ତି। ତେବେ ପୂର୍ବରୁ ଜନ ପ୍ରତିନିଧିଙ୍କ ଏହି ପଦଗୁଡିକ ପାଇଁ ସଂରକ୍ଷଣ ୭୫ ପ୍ରତିଶତ ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ଚଳିତବର୍ଷ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୫୦ ପ୍ରତିଶତରେ ସୀମିତ ରହିଛି। ୱାର୍ଡ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ସଂରକ୍ଷଣ ଚିଠା ଉପରେ କୌଣସି ଅଭିଯୋଗ




ଥିଲେ ଚଳିତ ମାସ ୧୬ ତାରିଖ ମଧ୍ୟରେ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ଜନସାଧାରଣ କରିପାରିବେ। ଅଭିଯୋଗକୁ ଭିତ୍ତିକରି ଚଳିତ ମାସର ୨୧ ତାରିଖ ସୁଦ୍ଧା ଜିଲାପାଳଙ୍କ ଶୁଣାଣି ପରେ ଚିଠା ପ୍ରସ୍ତାବ ଚୂଡାନ୍ତ ହେବ। ସେହିପରି ଜିଲା ପରିଷଦ ସଭ୍ୟ ପଦ ସଂରକ୍ଷଣ ତାଲିକା ଉପରେ ଜିଲାପାଳ ଚଳିତ ମାସ ୧୮ ତାରିଖ ସୁଦ୍ଧା ଅଭିଯୋଗପତ୍ର ଗ୍ରହଣ ଓ ୨୨ ତାରିଖରେ ଶୁଣାଣି ଶେଷ କରି ଚୂଡାନ୍ତ ତାଲିକା ପ୍ରକାଶ କରିବେ। ଜିଲାର ୯ ବ୍ଲକ ଅଧ୍ୟକ୍ଷ କ୍ଷେତ୍ରରେ ହୋଇଥିବା ସଂରକ୍ଷଣ ତାଲିକା ପ୍ରସ୍ତାବ ଅନୁଯାୟୀ ମାର୍ଶାଘାଇ ଓ ରାଜକନିକା ବ୍ଲକ ଅଧ୍ୟକ୍ଷ ପଦବୀ ଅଂସରକ୍ଷିତ ରଖାଯାଇଛି। ସେହିପରି ରାଜନଗର, ପଟ୍ଟାମୁଣ୍ଡାଇ ଓ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷ ପଦରେ ଅଂସରକ୍ଷିତ ମହିଳା ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଅଛି। ଆଳି ବ୍ଲକ ଅଧ୍ୟକ୍ଷ ପଦରେ ଅନୁସୂଚିତ ଜାତି, କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟକ୍ଷ ପଦରେ ଅନୁସୂଚିତ ଜାତି ମହିଳା, ଗରଦପୁର ବ୍ଲକ ଅଧ୍ୟକ୍ଷ ପଦରେ ପଛୁଆବର୍ଗ ଓ ଡେରାବିଶ ବ୍ଲକ ଅଧ୍ୟକ୍ଷ ପଦରେ ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ଜିଲା ପରିଷଦ ଜୋନ ମଧ୍ୟରୁ ଆଳି ବ୍ଲକର ୨ ନଂ. ଜୋନ, ୪ ନଂ. ଜୋନ, କେନ୍ଦ୍ରାପଡ଼ାର ୮ନଂ. ଜୋନ, ଗରଦପୁରର ୧୦ ନଂ. ଜୋନ, ଡେରାବିଶର ୧୨ ନଂ. ଜୋନ, ୧୪ ନଂ. ଜୋନ, ରାଜକନିକାର ୨୮ ନଂ. ଜୋନ, ରାଜନଗର ବ୍ଲକର ୩୦ ନଂ. ଜୋନ, ୩୧ ନଂ. ଜୋନ ଓ ୩୨ ନଂ. ଜୋନକୁ ଅଂସରକ୍ଷିତ ରଖାଯାଇଛି। ସେହିପରି ଆଳି ବ୍ଲକର ୧ ନଂ. ଜୋନ, କେନ୍ଦ୍ରାପଡ଼ାର ୫ ନଂ. ଜୋନ, ୭ ନଂ. ଜୋନ ଓ ପଟ୍ଟାମୁଣ୍ଡାଇର ୧୫ ନଂ. ଜୋନ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଥିବା ବେଳେ ମହାକାଳପଡ଼ା ବ୍ଲକର ୨୩ ନଂ. ଜୋନକୁ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଅଛି। ମହିଳାଙ୍କ ପାଇଁ ଆଳି ବ୍ଲକର ୩ ନଂ. ଜୋନ, କେନ୍ଦ୍ରାପଡ଼ାର ୬ ନଂ. ଜୋନ, ଗରଦପୁରର ୯ ନଂ. ଜୋନ, ୧୧ ନଂ. ଜୋନ, ମାର୍ଶାଘାଇର ୨୬ ନଂ. ଜୋନ ଓ ରାଜକନିକାର ୨୯ ନଂ. ଜୋନ ସଂରକ୍ଷିତ ଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକର ୧୭ ନଂ. ଜୋନ, ମହାକାଳପଡାର ୧୯ ନଂ. ଜୋନ, ୨୧ ନଂ. ଜୋନ, ମାର୍ଶାଘାଇର ୨୫ ନଂ. ଜୋନ ଓ ରାଜକନିକା ବ୍ଲକର ୨୭ ନଂ. ଜୋନ ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି। ଏଥିସହ ମହାକାଳପଡା ବ୍ଲକର ୨୦ ନଂ. ଜୋନ, ୨୨ ନଂ ଜୋନ, ମାର୍ଶାଘାଇର ୨୪ ନଂ. ଜୋନ ପଛୁଆବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଅଛି। ସେହିପରି ଅନୁସୂଚିତ ଜାତିଙ୍କ ପାଇଁ ଡେରାବିଶ ବ୍ଲକର ୧୨ ନଂ. ଜୋନ, ପଟ୍ଟାମୁଣ୍ଡାଇ ବ୍ଲକର ୧୬ ନଂ. ଜୋନ ଓ ୧୮ ନଂ. ଜୋନକୁ ସଂରକ୍ଷିତ କରାଯାଇଛି।

## ୪୬ ଏସ୍‌ଏଚଜିକୁ ୭୨ ଲକ୍ଷ ଋଣ

ଆଳି,୮।୧୦(ଡି.ଏନ.ଏ.)

ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ମିଶନ ଶକ୍ତି ଯୋଜନା କାର୍ଯ୍ୟକ୍ଷମ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଋଣ ପ୍ରଦାନ କରି ସେମାନଙ୍କୁ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବାକୁ ପ୍ରୋତ୍ସାହିତ କରୁଛନ୍ତି। ଏହି ଅବସରରେ ଶୁକ୍ରବାର ଓଡ଼ିଶା ଜୀବିକା ମିଶନର ବିପିଏମ୍ ହିମାଂଶୁ ଭଦ୍ରଙ୍କ ଅଧ୍ୟକ୍ଷତାରେ ଋଣ ମେଳା ଅନୁଷ୍ଠିତ ହୋଇଥିଲା। ଆଳି ବ୍ଲକର ୪୬ଟି ଏସ୍‌ଏଚଜିକୁ ୭୨ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଆଳି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ପ୍ରବନ୍ଧକ ଅମୂଲ୍ୟ କୁମାର ଦାସ ଯୋଗଦେଇ ଉପସ୍ଥିତ ଏସ୍‌ଏଚଜିର ମହିଳା ସଦସ୍ୟାଙ୍କୁ ବ୍ୟାଙ୍କର ବିଭିନ୍ନ ସରକାରୀ ସୁବିଧା ବିଷୟରେ ଅବଗତ କରାଇଥିଲେ। ବ୍ୟାଙ୍କରୁ ଋଣ ନେଇ ଠିକ୍ ଭାବେ ବିନିଯୋଗ କରି ସୁଧ ପୈଠ କଲେ ବ୍ୟାଙ୍କ ଅଧିକ ପରିମାଣର ଋଣ ଦେଇଥାଏ। ମେଳାକୁ ବିପିସି ମୋନାଲିସା ନାୟକ, ପ୍ରକାଶ ଦାସ ଓ ସୁଜାତା ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## କଲେଜ ନବକଳେବର ଦେଖି ଟିମ୍ ପ୍ରଭାବିତ




ପଟ୍ଟାମୁଣ୍ଡାଇ କଲେଜକୁ ଆସିଥିବା ନାକ୍‌ଟିମ୍‌ର ସଦସ୍ୟଙ୍କ ସହ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ କଲେଜକୁ ନାକ୍ ଟିମ୍‌ର ୨ ଦିନିଆ ଗସ୍ତ**

ପଟ୍ଟାମୁଣ୍ଡାଇ, ୮।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ କଲେଜକୁ ଜାତୀୟ ମୂଲ୍ୟାୟନ ଓ ମାନ୍ୟତାପ୍ରାପ୍ତ ପରିଷଦ ନାକ ଟିମ୍ ଶୁକ୍ରବାର ପରିଦର୍ଶନ କରିଛନ୍ତି। ଏହି ଟିମ୍‌ରେ ପରିଷଦ ମଣ୍ଡଳୀର ଅଧ୍ୟକ୍ଷ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ସୁନୀଲ ଗୁପ୍ତା, ସଂଯୋଜକ ସଭ୍ୟ ଭାବେ ଆଚାର୍ଯ୍ୟ ନାଗାର୍ଜ୍ଜୁନ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରାଧାପିକା ଡ. ବିଜୟାଲକ୍ଷ୍ମୀ ଓ ସୋଲାପୁର ସନ୍ଥ ଦାମୋଜୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନିଭୃତି ପାୱାର ପ୍ରମୁଖ ସାମିଲ ହୋଇଛନ୍ତି। ନାକ ଟିମ୍ ସଦସ୍ୟମାନଙ୍କୁ କଲେଜ ପରିଚାଳନା କମିଟି ସଭାପତି ଉପଜିଲାପାଳ ନିରଞ୍ଜନ ବେହେରା ଓ କଲେଜ ପରିଚାଳନା କମିଟି ପ୍ରାକ୍ତନ ସଭାପତି ତଥା ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଭାକର ରାଉତ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର ରମେଶ ଚନ୍ଦ୍ର ଜେନା, ପ୍ରଫେସର କୈଳାସ ପାତ୍ର, କ୍ୟାପଟେନ ମନୋଜ ପରିଡା, ପ୍ରାଧାପିକା ଡ. ଅଞ୍ଜଳି ଦାଶ, ଡ. ପ୍ରେମଲତା ରାଉତ ପ୍ରମୁଖ ସ୍ୱାଗତ କରିଥିଲେ। ନାକ କମିଟି ସଦସ୍ୟମାନେ କଲେଜ ପରିସର ସ୍ୱଚ୍ଛତା ପ୍ରାକୃତିକ ପରିବେଶ ସୁରକ୍ଷା, ପରିସର ସାଜସଜ୍ଜା, ପାଠାଗାର, ବିଜ୍ଞାନଗାର, ପାଇଖାନା ଓ ପରିସ୍ରାଗାର ପରିମଳ ବ୍ୟବସ୍ଥା, ଅଡିଟୋରିୟମ, ବିଭିନ୍ନ ବିଭାଗ ସେମିନାର ଗୃହ, ରିଡିଂ ରୁମ, ଛାତ୍ରାବାସ ଆଦି ବୁଲି ଦେଖିଥିଲେ। କଲେଜ ଶିକ୍ଷାଦାନ ବ୍ୟବସ୍ଥା, ପରୀକ୍ଷାଫଳ ଆଦି ସମ୍ପର୍କରେ ଛାତ୍ରୀଛାତ୍ର, ଅଭିଭାବକ ଓ ପୁରାତନ ଛାତ୍ର ସଂସଦ ସହ ଆଲୋଚନା କରିଥିଲେ। ମୋଟାମୋଟି ଭାବେ କଲେଜ ସାମ୍ପ୍ରତିକ ସ୍ଥିତି ଓ ସମସ୍ତ ବ୍ୟବସ୍ଥା ସହ ନୂତନ ପରିପାଟି ଓ ସୁନ୍ଦର ପରିବେଶ ଟିମ୍ ସଦସ୍ୟମାନଙ୍କୁ ଅନେକ ପ୍ରଭାବିତ କରିଛି। ୨୦୦୬ ମସିହାରେ ନାକ ଟିମ୍ ପରିଦର୍ଶନ ପରେ ପଟ୍ଟାମୁଣ୍ଡାଇ କଲେଜକୁ ବି + ଗ୍ରେଡ ମିଳିଥିଲା। ଚଳିତ ପ୍ରଦର୍ଶନ କଲେଜକୁ ଭଲ ଫଳ ଦେବ ବୋଲି ସହଭାଗୀମାନଙ୍କୁ ଅତ୍ୟନ୍ତ ଉତ୍ସାହିତ କରଛି। ନାକଟିମ ସହିତ ଆଲୁମ୍ନି ଆସୋସିଏଶନ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଆସୋସିଏଶନ ସଭାପତି ପ୍ରଫେସର ଭରତ ପାତ୍ର, ସମ୍ପାଦକ ଆଇନଜୀବୀ ଗୋପୀନାଥ ତ୍ରିପାଠୀ, ପୂର୍ବତନ ପ୍ରଶାସକ ଡ. କେଲୁ ଚରଣ ସ୍ୱାଇଁ, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ସନାତନ ବେହୁରା, ଶିକ୍ଷାବିତ୍ କସ୍ତୁରୀ ଚରଣ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ନାଉଗାଁ ବ୍ଲକର ଚିଠା ସଂରକ୍ଷଣ ତାଲିକା

ନାଉଗାଁ,୮।୧୦(ସ୍ୱ.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠା ତାଲିକା ପ୍ରକାଶ ପାଇଛି। ନାଉଗାଁର ୧୬ ପଞ୍ଚାୟତ ନିମନ୍ତେ ପ୍ରସ୍ତାବିତ ତାଲିକା ଅନୁସାରେ ବ୍ଲକର ୧ନଂ. ଜିଲା ପରିଷଦ ଜୋନ ଅନୁସୂଚିତ ଜନଜାତି ଓ ୨ ନଂ ଜୋନ ପଛୁଆ ବର୍ଗ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସମିତିସଭ୍ୟ ପଦବୀ ନିମନ୍ତେ ଅଲଣା, ଗଜରାଜପୁର ଅନୁସୂଚିତ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ତେବେ ଓଷକଣା, ଘୋଡାଂଶ, ଡାବର, ଡେରିକି, ଶିଖର ଅସଂରକ୍ଷିତ ରହିଛି। ବଛାଲୋ, ବାଂଶ ପଛୁଆବର୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି। ଗଳଧାରୀ, ନୂଆଗାଁ, ରୋହିଆ ମହିଳା, ତିରୁଣା, ନାଉଗାଁ ପଛୁଆବର୍ଗ ମହିଳାଙ୍କ ପାଇଁ କୋରୁଅ ଅନୁସୂଚିତ ଜାତି ଏବଂ ଜାମୁଗାଁ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ସରପଞ୍ଚ ଚିଠା ତାଲିକାରେ କୋରୁଅ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ଗଳଧାରୀ, ତିରୁଣା, ବାଂଶ, ଶିଖର ଓ ନୂଆଗାଁ ଅସଂରକ୍ଷିତ ରହିଛି। ଘୋଡାଂଶ ଓ ଡେରିକି ପଛୁଆ ବର୍ଗଙ୍କ ନିମନ୍ତେ ରହିଥିବାବେଳେ ଅଲଣା,ଗଜରାଜପୁର ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ଡାବର, ନାଉଗାଁ,ବଛାଲୋ, ରୋହିଆ ମହିଳା ପାଇଁ ସରଂକ୍ଷିତ ରଖାଯାଇଛି। ଓଷକଣା ଓ ଜାମୁଗାଁ ପଛୁଆ ବର୍ଗ ମହିଳାଙ୍କ ନିମନ୍ତେ ରଖାଯାଇଛି।

## କେନ୍ଦ୍ରାପଡ଼ା ଜିଲାର ସରପଞ୍ଚ ଚିଠା ତାଲିକା ପ୍ରକାଶ

କେନ୍ଦ୍ରାପଡ଼ା ଅଫିସ, ୮।୧୦

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଅନୁଯାୟୀ କେନ୍ଦ୍ରାପଡ଼ା ବ୍ଲକର ୨୭ ସମିତିସଭ୍ୟ ପଦ ପାଇଁ ଅନୁସୂଚିତ ଜାତିର ୭ ଜଣ, ଜନଜାତିର ଜଣେ, ପଛୁଆବର୍ଗଙ୍କ ପାଇଁ ୮ ଜଣ ଓ ୧୧ଟି ପଞ୍ଚାୟତର ପଦବୀକୁ ଅସଂରକ୍ଷିତ ରଖାଯାଇଛି। ଅଂସରକ୍ଷିତ ମହିଳା ବର୍ଗର ପ୍ରାର୍ଥୀମାନେ ବ୍ଲକ ଅଞ୍ଚଳର ଆୟବା, ଇନ୍ଦୁପୁର, ଓସ୍ତପୁର, ଗୁଲନଗର, ପଳସିଂହା, ଭରତପୁର ପଞ୍ଚାୟତରେ ନିର୍ବାଚନ ଲଢ଼ିପାରିବେ। କପାଳେଶ୍ୱର, କଳପଡା, କେଶପୁର, କଂସାର, ଗାଙ୍ଗପଡା, ଜମଧର, ବଗଡା ଓ ଭାଗବତପୁର ପଞ୍ଚାୟତକୁ ଅସଂରକ୍ଷିତ ରଖାଯାଇଥିବା ବେଳେ କୁତରଙ୍ଗ, କୋରୋ, ଚାରିଗାଁ ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଚକ୍ରୋଡା ପଞ୍ଚାୟତରେ ଅନୁସୂଚିତ ଜନଜାତି ମହିଳା ଓ ଅନୁସୂଚିତ ଜାତି ମହିଳା ବର୍ଗଙ୍କ ପାଇଁ ଚନ୍ଦନପୁର, ଧୂମାତ, ନିକିରାଇ ଓ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ କରାଯାଇଛି। ସେହିପରି ଅନୁସୂଚିତ ଜାତିର ପ୍ରାର୍ଥୀମାନେ ପୁରୁଷୋତ୍ତମପୁର, ସାନମାଣତିଆ, ପଛୁଆ ବର୍ଗଙ୍କ ପାଇଁ ଘାଘରା, ବାରୋ ଓ ଢ଼ୋଲ ପଞ୍ଚାୟତକୁ ସଂରକ୍ଷଣ କରାଯାଇଛି। ସେହିପରି ସରପଞ୍ଚ ପଦବୀ କ୍ଷେତ୍ରରେ ଓସ୍ତପୁର, କପାଳେଶ୍ୱର, ଜମଧର, ଢ଼ୋଲ, ପଳସିଂହା, ବଗଡା, ଭାଗବତପୁର ପଞ୍ଚାୟତକୁ ଅସଂରକ୍ଷିତ କରାଯାଇଛି। ଅସଂରକ୍ଷିତ ମହିଳାଙ୍କ କ୍ଷେତ୍ରରେ ଆୟବା, କେଶପୁର, କଂସାର, ଘାଘରା, ଚକ୍ରୋଡା, ଚାରିଗାଁ, ଭରତପୁର ପଞ୍ଚାୟତ ରହିଛି। ପଛୁଆବର୍ଗଙ୍କ ପାଇଁ କଳପଡା, କୋରୋ, ଗାଙ୍ଗପଡା ପଞ୍ଚାୟତଙ୍କୁ ସଂରକ୍ଷଣ କରାଯାଇଥିବା ବେଳେ ଏହି ବର୍ଗର ମହିଳାଙ୍କ ପାଇଁ ଇନ୍ଦୁପୁର, କୁତରଙ୍ଗ, ଗୁଲନଗର ପଞ୍ଚାୟତକୁ ସଂରକ୍ଷଣ କରାଯାଇଛି। ଏଥିସହ ଅନୁସୂଚିତ ଜାତିଙ୍କ ପାଇଁ ସାନମାଣତିଆ, ଶ୍ୟାମସୁନ୍ଦରପୁର, ଚନ୍ଦନପୁର ପଞ୍ଚାୟତକୁ ସଂରକ୍ଷିତ କରାଯାଇଛି। ଏଥିସହ ଅନୁସୂଚିତ ଜାତି ମହିଳା ବର୍ଗଙ୍କ ପାଇଁ ଧୂମାତ, ନିକିରାଇ, ପୁରୁଷୋତ୍ତମପୁର, ବାରୋକୁ ସଂରକ୍ଷଣ ମିଳିଛି।

**ମହାକାଳପଡ଼ା**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମହାକାଳପଡା ବ୍ଲକର ୩୧ ପଞ୍ଚାୟତର ସଂରକ୍ଷଣ ଆସନ ବିଜ୍ଞପ୍ତି ପ୍ରକାଶ ପାଇଛି। ସରପଞ୍ଚ ଆସନ ପାଇଁ ଅସରଂକ୍ଷିତ ମହିଳା ଭାବେ ଅମେଇପାଳ, ବଡକୁଳ, ବଢ଼ିହି, ବଟିଘର, ବଳିପାଳ, ବିଜୟନଗର, ଯଦୁପୁର ଓ ରାଜଗଡ ପଞ୍ଚାୟତ ରହିଛି। ସେହିପରି ଅସରଂକ୍ଷିତ ସରପଞ୍ଚ ଆସନ ପଞ୍ଚାୟତଗୁଡିକ ମଧ୍ୟରେ କରଞ୍ଜି, କଂସାର ଓ କଂସାର ବଡଦାଣ୍ଡୁଆ, ବରକନ୍ଧା, ବାରଡାଙ୍ଗ , ମହାକାଳପଡା, ମଙ୍ଗଳପୁର, ରାମନଗର, ନାଞ୍ଜୁରା ଓ ସୁନିତି ରହିଛି। ସେହିପରି ପଛୁଆ ବର୍ଗ ମହିଳାଙ୍କ ଆସନ ପଞ୍ଚାୟତଗୁଡିକ ମଧ୍ୟରେ ଖରିନାସୀ, ଜୟଚନ୍ଦ୍ରପୁର, ଟିକରପଙ୍ଗା, ତେରଗାଁ ରହିଛି। ପଛୁଆ ବର୍ଗ ସରପଞ୍ଚ ପାଇଁ ପଞ୍ଚାୟତ ମଧ୍ୟରେ ଖୁରସିଆ, ଗଡରୋମିତ, ଗୋଗୁଆ, ଓ ଜମ୍ବୁ ପଞ୍ଚାୟତ ରହିଛି। ଅନୁସୂଚିତ ଜାତି ମହିଳାଙ୍କ ଆସନ ପଞ୍ଚାୟତଗୁଡିକ ମଧ୍ୟରେ ଅଳାଇଲୋ, ଡିଖିରି, ଓ ପାଟଲିପଙ୍କ ପଞ୍ଚାୟତ ରହିଛି। ସେହିପରି ଅନୁସୂଚିତ ଜାତି ପାଇଁ ବଉଳକଣି ଓ ଦେଉଳପଡ଼ା ପଞ୍ଚାୟତ ସଂରକ୍ଷିତ କରାଯାଇଛି। ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ପେଟଛେଲା ପଞ୍ଚାୟତ ସରଂକ୍ଷିତ ଆସନ ରହିଛି।

**ଡେରାବିଶ**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଡେରାବିଶ ବ୍ଲକ ଅଧୀନରେ ୨୬ ପଞ୍ଚାୟତର ସରପଞ୍ଚ ଲାଗି ସଂରକ୍ଷିଣ ଚିଠା ପ୍ରକାଶ ପାଇଛି। ଏହି ଅନୁଯାୟୀ, ଅନୁସୂଚିତ ଜାତି ବର୍ଗର ସରପଞ୍ଚଙ୍କ ପାଇଁ ଗୋଲରାଟ, ଚାନ୍ଦୋଳ, ଲକ୍ଷ୍ମୀନାରାୟଣପୁର। ଅନୁସୂଚିତ ଜାତି ମହିଳାଙ୍କ ପାଇଁ ଇନ୍ଦାଲୋ, ମୁକନ୍ଦପୁର, ଛୋଟି ଓ ନହଙ୍ଗ ପଞ୍ଚାୟତ, ପଛୁଆ ବର୍ଗଙ୍କ ପାଇଁ କାଉପଡ଼ା, ଖମୋଳ ଓ ଯଅଁରାବାରିମୂଳ। ପଛୁଆବର୍ଗ ମହିଳା ସରପଞ୍ଚଙ୍କ ପାଇଁ ଗୁଆଳସିଂ, ଚାଟରାଚକଡ଼ା ଓ ଦାନପୁର ପଞ୍ଚାୟତ ରହିଛି। ଅସଂରକ୍ଷିତ ସରପଞ୍ଚ ପାଇଁ କୁଶିଆପାଳ, ନରସିଂହପୁର, ଏଣ୍ଡର, ପଲେଇ, ବାଲିଆ, ବେଣୀପୁର ଓ ରତାଦିଆଖଣ୍ଡସାହି ପଞ୍ଚାୟତ। ଅସଂରକ୍ଷିତ ମହିଳା ସରପଞ୍ଚ ପାଇଁ କୁରୁଜଙ୍ଗା, ବସୁପୁର, ବାରିମୂଳ, ମଙ୍ଗଳପୁର, ରଘୁଦେଇପୁର ଓ ହରିଅଙ୍କ ପଞ୍ଚାୟତ ରହିଛି।

**ମାର୍ଶାଘାଇ**

ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣ ଚିଠା ତାଲିକା ଶୁକ୍ରବାର ପ୍ରକାଶ ପାଇବା ପରେ ମାର୍ଶାଘାଇ ବ୍ଲକର ୨୪ଟି ପଞ୍ଚାୟତରେ ରାଜନୀତିକ ଉଷ୍ମତା ବୃଦ୍ଧିପାଇଛି। ସରପଞ୍ଚ ଚିଠା ଅନୁଯାୟୀ, ଆଖୁଆଧକ୍ଷିଣୀ, ପରକୁଳା, ହିନ୍ଦୁଳିଆ ପଞ୍ଚାୟତ ପଛଆବର୍ଗ। ସେହିପରି ବାନ୍ଧକଟା, ଅନ୍ତେଇ, କୁହୁଡି, ଯମପଡା, ରାଘବପୁର, ବେରୁହାଁ ପଞ୍ଚାୟତ ଅସଂରକ୍ଷିତ ରହିଛି। ଅଗ୍ନୁଲାଇ, ବଛରାଇ, ମାର୍ଶାଘାଇ ପଞ୍ଚାୟତ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ କରାଯାଇଛି। ଆଇତିପୁର, ଜଳପକ, ଦୁମୁକା ପଞ୍ଚାୟତ ପଛୁଆବର୍ଗ ମହିଳାଙ୍କ ଲାଗି ସଂରକ୍ଷିତ ହୋଇଛି। ଅନୁସୂଚିତ ମହିଳା ପାଇଁ ଗରଜଙ୍ଗା, ତାଳସଙ୍ଗା ପଞ୍ଚାୟତ ରହିଥିବା ବେଳେ କରିଲୋପାଟଣା, ଦଶିପୁର, ବଟିରା, ମଣିକୁଣ୍ଡା, ମଙ୍ଗରାଜପୁର, ମେହେନ୍ଦିନଗର, ଶ୍ରୀପୁର ଅସଂରକ୍ଷିତ ମହିଳାଙ୍କ ନିମନ୍ତେ ସଂରକ୍ଷିତ କରାଯାଇଛି।

**ରାଜନଗର**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜନଗର ବ୍ଲକ ଅଞ୍ଚଳର ୨୯ ପଞ୍ଚାୟତ ନିମନ୍ତେ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। କଣ୍ଡିରା, କୃଷ୍ଣନଗର, କୋଇଲିପୁର, ଘଡିଆମାଳ, ଚାନ୍ଦବାଉଁଶମୂଳ, ଡେରା, ବାଲିସାହିପାଟଣା, ମହୁଲିଆ, ରଙ୍ଗଣି ଅସଂରକ୍ଷିତଙ୍କ ପାଇଁ ସଂରକ୍ଷିତ କରାଯାଇଛି। ସେହିପରି ଅସଂରକ୍ଷିତ ମହିଳା ବର୍ଗରେ ଓସ୍ତିଆ, କୁରୁଣ୍ଟି, କେରୁଆଁପାଳ, ତାଳଚୁଆ, ବନ୍ଧପଡ଼ା, ବାଘମାରି, ହାତିନା, ଗୁପ୍ତି, ବ୍ରାହ୍ମଣସାହି ରହିଛି। ପଛୁଆ ବର୍ଗରେ କେରେଡାଗଡ଼, ବେଲପାଳ, ମହିଁଷାପୁର ରହିଥିବା ବେଳେ ପଛୁଆ ବର୍ଗ ମହିଳାଙ୍କ ପାଇଁ ଈଶ୍ୱରପୁର, ଭିତରଗଡ଼, ଖମରସାହି, ସାନବଡଗୋପାଳପୁର ପଞ୍ଚାୟତ ସଂରକ୍ଷିତ କରାଯାଇଛି। ଅନୁସୂଚିତ ଜାତି ପାଇଁ ରାଜନଗର, ସାତଭାୟା ପଞ୍ଚାୟତ ରହିଥିବା ବେଳେ ଅନୁସୂଚିତ ଜାତି ମହିଳା ବର୍ଗଙ୍କ ପାଇଁ ଡାଙ୍ଗମାଳ, ରାଜପୁର ରହିଛି।

## ବନ୍ୟପ୍ରାଣୀ ସପ୍ତାହରେ ଶୋଭାଯାତ୍ରା

ରାଜନଗର,୮।୧୦(ଡି.ଏନ.ଏ.)

ବନ୍ୟ ପ୍ରାଣୀ ସପ୍ତାହର ଶେଷ ଦିନରେ ଶୁକ୍ରବାର ବନ ବିଭାଗ ପକ୍ଷରୁ ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଇଛି। ଭିତରକନିକାର ଲୁଣା ଜଙ୍ଗଲ ଓ ଭିତରକନିକାରେ ଥିବା ବନ୍ୟଜନ୍ତୁଙ୍କ ସୁରକ୍ଷିତ ରଖିବା ଓ ସେମାନଙ୍କ ବଂଶ ବୃଦ୍ଧି ପାଇଁ ସହଯୋଗ କରିବା ନିମନ୍ତେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ଶୁକ୍ରବାର କନିକା ରେଞ୍ଜ ପକ୍ଷରୁ ସାଇକେଲ ଶୋଭାଯାତ୍ରା ଖୋଳା ମୁଖ୍ୟ ଫାଟକ ନିକଟରୁ ବାହାରି ଡାଙ୍ଗମାଳ ପ୍ରବେଶ ପଥ ନିକଟରେ ପହଞ୍ଚିଥିଲା। ଦୀର୍ଘ ୧୦ କି.ମି. ସାଇକେଲ



ରାଜନଗରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

ଶୋଭାଯାତ୍ରା ଡାଙ୍ଗମାଳ ଓ ଖମାରସାହି ପଞ୍ଚାୟତର ଗାଁ, ବଜାର ପରିକ୍ରମା କରିଥିଲେ। ରେଞ୍ଜ ଅଫିସର ମାନସ କୁମାର ଦାସ, ଫରେଷ୍ଟର କପିଳେନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ବନ କର୍ମଚାରୀ ଓ ରାହା ଫାଉଣ୍ଡେଶନର ସଦସ୍ୟ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ରାଜନଗର ରେଞ୍ଜ ପକ୍ଷରୁ ଗୁପ୍ତିରୁ ସାଇକେଲ ଶୋଭାଯାତ୍ରା ବାହାରି ଓକିଲପାଳ ଗାଁ, ବଜାର ପରିକ୍ରମା କରିଥିଲା। ରାଜନଗର ରେଞ୍ଜ ଅଫିସର ଧନେଶ୍ୱର ରଥ, ଫରେଷ୍ଟର ବିଜୟ ପାତ୍ରଙ୍କ ସହ ସମସ୍ତ ବନ କର୍ମଚାରୀ ସାମିଲ ହୋଇଥିଲେ।

## ଏସ୍‌ଏଚଜିଙ୍କ ଋଣ ମେଳା

ରାଜନଗର, ୮।୧୦(ଡି.ଏନ.ଏ.)

ରାଜନଗର ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି)ଙ୍କୁ ଋଣ ପ୍ରଦାନ କରାଯାଇଛି। ଶୁକ୍ରବାର ୧୬୪ଟି ଏସ୍‌ଏଚଜିଙ୍କୁ ୩ କୋଟି ୭୬ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ବ୍ୟାଙ୍କ ପରିସରରେ ଆୟୋଜିତ ଋଣ ବଣ୍ଟନ ମେଳାରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ଏଚଜିର ମହିଳାଙ୍କୁ ଋଣ ବଣ୍ଟନ କରିଥିଲେ। ବ୍ୟାଙ୍କ ଶାଖା ପରିଚାଳକ ରଞ୍ଜନ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଳାରେ ପିଡି ମଦରଧର ମହାଳିକ, ବିଡିଓ ରବୀନ୍ଦ୍ର କୁମାର ପ୍ରଧା ପ୍ରମୁଖ ଯୋଗଦେଇଥିଲେ।

## ସରକାରୀ ମଦ ଦୋକାନରେ ନିୟମ ଉଲ୍ଲଂଘନ

■ପୋଲିସ, ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ଶୂନ
■ବଜାର, ବ୍ଲକ ଛକରେ ରହିଛି ଦୋକାନ
■ପିଲାଙ୍କ ଉପରେ ପ୍ରଭାବ ପକାଉଛି

ନାଉଗାଁ,୮।୧୦(ସ୍ୱ.ପ୍ର)

ନାଉଗାଁ ବ୍ଲକର ୨ ସରକାରୀ ମଦ ଦୋକାନରେ ସରକାରୀ ନିର୍ଦ୍ଦେଶନାମା ଉଲ୍ଲଂଘନ ହେଉଛି। ମାତ୍ର ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ନାଉଗାଁ ବ୍ଲକ ଛକଠାରୁ କିଛି ଦୂରରେ ଗୋଟିଏ ମଦଦୋକାନ ଖୋଲିଥିବା ବେଳେ ଅନ୍ୟଟି ବଜାର ଠାରୁ ଅଳ୍ପ ଦୂରରେ ରହିଛି। ଉଭୟ ମଦ ଦୋକାନ ଶିଖର-ବାଲିଭଉଁରୀ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତା ପାର୍ଶ୍ୱରେ ରହିଛି। ଏହାର ବ୍ଲକର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହି ବାଟଦେଇ କଟକ, ଭୁବନେଶ୍ୱର, ଅସ୍ତରଙ୍ଗ, ପାରାଦୀପ, ପୁରୀ,କାକଟପୁର,କୋଣାର୍କ ଆଦି ସ୍ଥାନକୁ ଯାତ୍ରୀବାହୀ ଓ ମାଲବାହି ଗାଡି ଯାତୟାତ କରିଥାନ୍ତି। ମୁଖ୍ୟରାସ୍ତା ପାର୍ଶ୍ୱରେ ମଦ ଦୋକାନ ଥିବାରୁ ଅନେକ ସମୟରେ ଅସାମାଜିକ ବ୍ୟକ୍ତିମାନେ ସେଠାରୁ ମଦ କିଣି ପିଇଥାନ୍ତି। ମଦ ଦୋକାନଠାରୁ ମାତ୍ର ଅଳ୍ପ ଦୂରରେ ନାଉଗାଁହାଟ ଉଚ୍ଚ ବିଦ୍ୟାଳୟ, ନାଉଗାଁ ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ ଓ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଓ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ରହିଛି। ଫଳରେ ଏହାର ପ୍ରଭାବ ପିଲାଙ୍କ ଉପରେ ପଡୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ବହୁ ସମୟରେ ସାଧାରଣ ଲୋକଙ୍କ ସହ ମଦ୍ୟପମାନଙ୍କ ଝଗଡା ହେଉଥିବା ନଜୀର ରହିଛି। ମୁଖ୍ୟରାସ୍ତା ଓ ଜନବସିତଠାରୁ ୫୦୦ ମିଟର ଦୂରରେ ମଦ ଦୋକାନ ଖୋଲିବା ପାଇଁ ସରକାରୀ ନିୟମ ଥିବା ବେଳେ ଏଠାରେ ସରକାରୀ ନିୟମକୁ ମଦ ଦୋକାନୀ ମାନୁନାହାନ୍ତି। ଏହାଛଡା ସରକାରୀ ମଦ ଦୋକାନରୁ ପ୍ରତ୍ୟେହ ପେଟି ପେଟି ଚୋରା ମଦ ବେପାରୀଙ୍କୁ ପ୍ରଦାନ କରାଯାଉଛି ବୋଲି ସ୍ଥାନୀୟ ଲୋକେ ନାମ ଗୋପନ ରଖି କହିଛନ୍ତି। ଦିନ ଦ୍ୱିପ୍ରହରରେ ଏପରି କାରବାର ଚାଲୁଥିବା ବେଳେ ପୋଲିସ ଅବା ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସେମାନଙ୍କ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଦୋକାନୀ କେଉଁ ମାନଙ୍କୁ ମଦ ବିକ୍ରି କରୁଛନ୍ତି ସିସିଟିଭି କ୍ୟାମେରା ଯାଞ୍ଚ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ବୁଦ୍ଧୀଜୀବୀମାନେ କହିଛନ୍ତି। ଏସମ୍ପର୍କରେ ଜଗତ୍‌ସିଂହପୁର ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ କହିଛନ୍ତି, ଚୋରା ମଦ ବେପାରୀଙ୍କ ସହ କାରବାର କରିବାକୁ କୌଣସି ନିୟମ ନାହିଁ। ଏପରି କରାଯାଉଥିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜନବସତି ନିକଟରେ ମଦଦୋକାନ ଖୋଲାଯାଇଥିବା ସମ୍ପର୍କରେ ସେ କୌଣସି ମତାମତ ଦେଇ ନ ଥିଲେ।

## ସଂକ୍ଷେପରେ

### ଘରେ ତାଲା ଝୁଲିବା ବେଳେ ଚୋରି

**ନୟାଗଡ଼ ଅଫିସ,୮।୧୦:** ନୟାଗଡ଼ ଜିଲା ଫତେଗଡ ଥାନା ମାନପୁର ଗାଁରେ ସୁରେନ୍ଦ୍ର ମହାନ୍ତିଙ୍କ ଘରେ ତାଲା ଝୁଲୁଥିବାବେଳେ ଚୋରି ହୋଇଛି। ଦୁର୍ବୃତ୍ତମାନେ କବାଟ ତାଲା କାଟି ୧୭ ହଜାର ଟଙ୍କା ଓ ସୁନା କଙ୍କଣ ଚୋରାଇ ନେଇଛନ୍ତି। ସୁରେନ୍ଦ୍ର ଗତ ୧ ତାରିଖରୁ ଘରେ ନ ଥିଲେ। ସେ ଘରକୁ ଫେରି ଦେଖିବା ପରେ ଚୋରି ହୋଇଥିବା ଜାଣି ଥାନାକୁ ଅବଗତ କରିଥିଲେ। ପୋଲିସ ନଂ. ୧୮୭/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ନିଖୋଜ ଛାତ୍ରୀ ଉଦ୍ଧାର

ଆର.ଉଦୟଗିରି, ୮।୧୦(ଡି.ଏନ.ଏ.): ଅଡ଼ବା ଥାନା ପୋଲିସ ଶୁକ୍ରବାର ନଳଘାଟ ଫାଣ୍ଡି ଅଞ୍ଚଳରୁ ଜଣେ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିଛି। ଗତ ୩୦ରେ ଉକ୍ତ ଥାନା ଅଞ୍ଚଳର ନବମ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଡ଼ବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୦୬/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପୋଲିସ୍ ଟିମ୍ ନଳଘାଟ ଫାଣ୍ଡି ଅଞ୍ଚଳରୁ ନିଖୋଜ ନାବାଳିକା ସହିତ ଜଣେ ଯୁବକଙ୍କୁ ଉଦ୍ଧାର କରିଥିଲା।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଗୋପାଳପୁର,୮।୧୦(ଡି.ଏନ.ଏ.):ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଗୋଳନ୍ଥରା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଏହି ଥାନା ଅଞ୍ଚଳରେ ଗୁରୁବାର ମଧ୍ୟରାତିରେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଜନୈକ ଯୁବକ ଅପହରଣ କରି ନେଇ ଚମ୍ପଟ ମାରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଜାଣିବା ପରେ ବହୁ ଖୋଜାଖୋଜି କରିଥିଲେ। ଝିଅର କୌଣସି ଖବର ନ ମିଳିବାରୁ ବାପା ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୮୨/୨୧ରେ ଅପହରଣ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ଗଞ୍ଜାମ,୮।୧୦(ଡି.ଏନ.ଏ.):ଗଞ୍ଜାମ ସାନ ବଜାର ସ୍ଥିତ ଡିଭାଇଡରରେ ପିଟି ହୋଇ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଗଞ୍ଜାମ ଥାନା ଲକ୍ଷ୍ମୀପୁର ଗ୍ରାମର ଆର ଲୋକନାଥ ରେଡ୍ଡୀ (୪୫)। ଦୁର୍ଘଟଣା ପରେ ସେଠାରେ ଉପସ୍ଥିତ ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ ନିଜ ବାଇକ୍ ଯୋଗେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଲୋକନାଥ ବ୍ରହ୍ମପୁରରୁ ଆସୁଥିବା ବେଳେ ନୂତନ ଭାବେ ନିର୍ମିତ ହୋଇଥିବା ଡିଭାଇଡରରେ ପିଟି ହେବାରୁ ଦୁର୍ଘଟଣା ଘଟିଥିଲା।

### ଏନ୍‌ସିସି ନାଭାଲ କ୍ୟାଡେଟ୍ ଚୟନ ଶିବିର

ଭଞ୍ଜନଗର, ୮।୧୦(ଡି.ଏନ.ଏ): ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏବଂ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ଏନ୍‌ସିସି ନାଭାଲ କ୍ୟାଡେଟ୍ ଚୟନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେଏସ୍‌ୟୁବି କଲେଜର ୨୮ ଏବଂ ହାଇସ୍କୁଲର ୨୨ ନୂତନ କ୍ୟାଡର ଶିବିରରେ ଚୟନ ହୋଇଥିଲେ। ଶିବିରକୁ କଲେଜ ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏନ୍‌ସିସି ନାଭାଲ କମାଣ୍ଡିଂ ଅଫିସର ( ସିଓ) କିଶୋର ଚନ୍ଦ୍ର ରାଉତ, ସିଆଇ ଚନ୍ଦ୍ରଶେଖର ସାହୁ, ପିଓ ତପନ ନାୟକ ଶିବିରରେ ଯୋଗଦେଇ ନୂତନ କ୍ୟାଡେଟ୍‌ଙ୍କୁ ଚୟନ କରିଥିଲେ। କେଏସ୍‌ୟୁ ବି କଲେଜ ଏନ୍‌ସିସି ନାଭାଲ ଅଫିସର ଡ. ରବୀନ୍ଦ୍ର କୁମାର ମିଶ୍ର ଏବଂ ୟୁବି ହାଇସ୍କୁଲ ନାଭାଲ ଅଫିସର କେଦାର ସେଠୀ ଯୋଗଦେଇ କ୍ୟାଡେଟ୍‌ଙ୍କ ଭୂମିକା ସମ୍ପର୍କରେ କହିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ କାର୍ଯ୍ୟରତ କର୍ମଚାରୀ ମୃତ

ବେଗୁନିଆପଡ଼ା,୮।୧୦(ଡି.ଏନ୍.ଏ.)-କୋଦଳା ବିଦ୍ୟୁତ୍ ବିଭାଗରେ ଜଣେ କାର୍ଯ୍ୟରତ କର୍ମଚାରୀଙ୍କ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ସେ ହେଲେ ବଡ ଖଇର ଖମା ପଞ୍ଚାୟତର ଗୁଞ୍ଜବଲା ଗ୍ରାମର ଅମୂଲ୍ୟ ରତ୍ନ ରାଉତ। ଖଲ୍ଲିକୋଟ-ଆସିକା ପୂର୍ତ୍ତ ରାସ୍ତାର ମଠ ସରସିଙ୍ଗିଠାରେ ଅମୂଲ୍ୟ ଏକ ଲୁହ ପୋଲରେ ଚଢି ବିଦ୍ୟୁତ୍ କାମ କରୁଥିବା ବେଳେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହଠାତ୍ ତଳେ ପଡି ଯାଇଥିଲେ। ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ଅମୂଲ୍ୟ କାମ କରିବା ସମୟରେ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଥିବା ବେଳେ କିପରି ମୃତ୍ୟୁ ଘଟିଲା ସେ ନେଇ କୋଦଳା ପୋଲିସ ତଦନ୍ତ ଚଳାଇଛି।

# ଗାଁ ରାଜନୀତି ଚଳଚଞ୍ଚଳ

## ନୟାଗଡ଼ ପଞ୍ଚାୟତ ନିର୍ବାଚନ ପାଇଁ ଚିଠା ବିଜ୍ଞପ୍ତି ପ୍ରକାଶ

**ନୟାଗଡ ଅଫିସ,୮।୧୦**

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ସ୍ଥାନ ସଂରକ୍ଷଣର ଚିଠା ବିବରଣୀ ଶୁକ୍ରବାର ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଛି। ଏହା ପରେ ଗାଁ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ନୟାଗଡ଼ ଜିଲାପାଳ ପୋମା ଟୁଡୁଙ୍କ ଅନୁମୋଦନ କ୍ରମେ ଜିଲା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ନୟାଗଡ଼ ଜିଲାରେ ୨୪ ଜିଲା ପରିଷଦ ଜୋନ, ୮ ବ୍ଲକରେ ୮ ଅଧ୍ୟକ୍ଷ, ୧୯୬ ଜଣ ସରପଞ୍ଚ, ୧୯୬ ସମିତିସଭ୍ୟ ଆସନ ପାଇଁ ତାଲିକା ପ୍ରକାଶ ପାଇଛି। ସରପଞ୍ଚ ଓ ସମିତିସଭ୍ୟ କ୍ଷେତ୍ରରେ ୫୦ ପ୍ରତିଶତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ରହିଛି। ୮ଟି ବ୍ଲକରେ ଅଧ୍ୟକ୍ଷ ପଦ ପାଇଁ ଅନୁସୂଚିତ ଜାତି ୧, ଅନୁସୂଚିତ ଜନଜାତି ୧, ପଛୁଆ ବର୍ଗ ୨ ଓ ୪ଟି ଅସଂରକ୍ଷିତ ଆସନ ରହିଛି। ତେବେ ୪ଟି ବ୍ଲକରେ ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ପଛୁଆ ବର୍ଗ, ନୟାଗଡ ବ୍ଲକ ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି ମହିଳା, ଖଣ୍ଡପନା ବ୍ଲକ ଅଧ୍ୟକ୍ଷ ଅନୁସୂଚିତ ଜନଜାତି ମହିଳା, ଗଣିଆ, ଭାପୁର ଓ ରଣପୁର ବ୍ଲକ ଅଧ୍ୟକ୍ଷ ଅସଂରକ୍ଷିତ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷ ପଛୁଆ ବର୍ଗ ମହିଳା, ନୂଆଗାଁ ବ୍ଲକ ଅଧ୍ୟକ୍ଷ ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି।

ସେହିପରି ୨୪ ଜିଲା ପରିଷଦ ଜୋନ ମଧ୍ୟରୁ ଅନୁସୂଚିତ ଜାତିଙ୍କ ପାଇଁ ୩, ଅନୁସୂଚିତ ଜନଜାତିଙ୍କ ପାଇଁ ୨, ପଛୁଆ ବର୍ଗଙ୍କ ପାଇଁ ୬, ଅଂସରକ୍ଷିତ ୧୩ଟି ଜିଲା ପରିଷଦ ଜୋନ ରହିଛି। ଏଥିମଧ୍ୟରୁ ୧୨ ଟି ଜିଲା ପରିଷଦ ପୁରୁଷ ଓ ୧୨ଟି ଜିଲା ପରିଷଦ ମହିଳାଙ୍କ ପାଇଁ ସଂରକ୍ଷିତ। ଓଡ଼ଗାଁ ୧ ନଂ. ଜୋନ ମହିଳା, ଓଡ଼ଗାଁ ୨ ନଂ. ଜୋନ ଅଂସରକ୍ଷିତ, ଓଡ଼ଗାଁ ୩ ନଂ. ଜୋନ ଅନସୂଚିତ ଜାତି ମହିଳା, ଓଡ଼ଗାଁ ୪ନଂ. ଜୋନ ମହିଳା, ଖଣ୍ଡପଡ଼ା ୫ନଂ. ଜୋନ ଅନୁସୂଚିତ ଜନଜାତି, ଖଣ୍ଡପଡା ୬ ନଂ. ଜୋନ ମହିଳା, ଖଣ୍ଡପଡା ୭ ନଂ. ଜୋନ ଅସଂରକ୍ଷିତ, ଗଣିଆ ୮ ନଂ. ଜୋନ ମହିଳା, ଦଶପଲ୍ଲା ୯ ନଂ. ଜୋନ ପଛୁଆବର୍ଗ, ଦଶପଲ୍ଲା ୧୦ ଓ ୧୧ ନଂ. ଜୋନ ପଛୁଆ ବର୍ଗ ମହିଳା, ନୟାଗଡ଼ ୧୨ ଓ ୧୩ ନଂ. ଜୋନ ଅସଂରକ୍ଷିତ, ନୟାଗଡ଼ ୧୪ ନଂ. ଜୋନ ଅନୁସୂଚିତ ଜାତି, ନୟାଗଡ଼ ୧୫ ନଂ. ଜୋନ ପଛୁଆ ବର୍ଗ, ନୂଆଗାଁ ୧୬ ନଂ. ଜୋନ ପଛୁଆ ବର୍ଗ ମହିଳା, ନୂଆଗାଁ ୧୭ ନଂ . ଜୋନ ଅନୁସୂଚିତ ଜନଜାତି ମହିଳା, ଭାପୁର ୧୮ ନଂ. ଜୋନ ପଛୁଆ ବର୍ଗ, ଭାପୁର ୧୯ ଓ ୨୦ ନଂ. ଜୋନ ଅସଂରକ୍ଷିତ, ରଣପୁର ୨୧ ନଂ. ଜୋନ ମହିଳା, ରଣପୁର ୨୨ ନଂ. ଜୋନ ଅସଂରକ୍ଷିତ, ରଣପୁର ୨୩ ନଂ. ଜୋନ ଅନୁସୂଚିତ ଜାତି ମହିଳା, ରଣପୁର ୨୪ ନଂ. ଜୋନ ମହିଳା ପଦବୀ ପାଇଁ ସଂରକ୍ଷିତ ହୋଇଛି।

## ବନ ବିଭାଗ ପକ୍ଷରୁ ୨ ସାପ ଉଦ୍ଧାର



**ଖଣ୍ଡପଡା, ୮।୧୦ (ସ୍ୱ.ପ୍ର.)**

ବନ୍ୟ ପ୍ରାଣୀ ସପ୍ତାହ ଅବସରରେ ବନ ବିଭାଗ କର୍ମଚାରୀମାନେ ୨ଟି ସ୍ଥାନରୁ ୨ ବିଷଧର ଅହିରାଜ ଓ ଅଜଗର ସାପକୁ ଜବତ କରି ଖଣ୍ଡପଡା ବନାଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଛନ୍ତି। ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଗ୍ରାମର ନବ ସାହୁଙ୍କ ଘର ଅଗଣାରୁ ଏକ ଅହିରାଜ ସାପ ଉଦ୍ଧାର କରାଯାଇଥିବା ବେଳେ ଶାଳଝରିଆ ପଞ୍ଚାୟତ ଅଧୀନ କୁବିହାରୀପୁର ଗ୍ରାମ ନିକଟସ୍ଥ ଏକ ନାଳରେ କେତେକ ଧୀବର ମାଛ ମାରୁଥିବା ବେଳେ ସେଠାରେ ଏକ ଅଜଗର ସାପକୁ ଦେଖି ଖଣ୍ଡପଡା ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନପାଳ ଶ୍ରୀନିବାସ ଦାଶ ସଦଳବଳେ ସେଠାରେ ପହଁଚି ସାପଟିକୁ ଉଦ୍ଧାର କରିଥିଲେ। ୨ଟି ବିଷଧର ସାପକୁ ଅକ୍ଷତ ଅବସ୍ଥାରେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିଲା।

## ୩ ହଜାର ଲିଟର ପୋଚ ନଷ୍ଟ, ଜଣେ ଗିରଫ

**ଖଣ୍ଡପଡ଼ା, ୮।୧୦ (ସ୍ୱ.ପ୍ର.)**

### ବନ ବିଭାଗର ଚଢ଼ାଉ

ଖଣ୍ଡପଡ଼ା ସହର ନିକଟସ୍ଥ ଗୋଳାପୋଖରୀ ଗ୍ରାମ ପାର୍ଶ୍ୱସ୍ଥ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘବର୍ଷ ଧରି ଚାଲିଥିବା ଏକ ଦେଶୀ ମଦ ଭାଟି ଉପରେ ନୟାଗଡ଼ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ଚଢାଉ କରିଥିଲା। ସେଠାରୁ ବିପୁଳ ପରିମାଣର ମଦ ରନ୍ଧା ସାମଗ୍ରୀ ଜବତ କରିବା ସହ ଦେଶୀମଦ ପ୍ରସ୍ତୁତ ନିମନ୍ତେ ମହଜୁଦ ଥିବା ୩ ହଜାର ଲିଟର ପୋଚକୁ ନଷ୍ଟ କରି ଦିଆଯାଇଛି। ନୟାଗଡ଼ ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ଟିମ ଚଢାଉ କରିଥିବା ଖଣ୍ଡପଡା ବନାଞ୍ଚଳ ଅଧିକାରିଣୀ ସୋନାଲୀ ସିଓଙ୍କଠାରୁ ପ୍ରକାଶ। ଚଢାଉ ସମୟରେ ଦେଶୀମଦ ନେଇ ଏକ ବାଇକ୍ ଯୋଗେ ଯାଉଥିବା ଶିଖରପୁର ପଞ୍ଚାୟତ ଅଧୀନ ବରପଲ୍ଲୀ ଗ୍ରାମର ପୀତବାସ ବେହେରାଙ୍କୁ ଗିରଫ କରିଛି। ତାଙ୍କୁ ମୋବାଇଲ ଟିମ୍ ଖଣ୍ଡପଡା ପୋଲିସକୁ ହସ୍ତାନ୍ତର କରିଛି। ମଦ କାରବାରରେ ସମ୍ପୃକ୍ତ ଥିବା ମଦ ବେପାରୀଙ୍କ ନାମରେ ମାମଲା ରୁଜୁ ହୋଇଛି। ସେ ବ୍ୟବହାର କରୁଥିବା ବାଇକ୍‌କୁ ଜବତ କରାଯାଇଥିବା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ଠାରୁ ପ୍ରକାଶ।



ବନ ବିଭାଗ ପକ୍ଷରୁ ଦେଶୀ ମଦ ଭାଟି ଉପରେ ଚଢାଉ କରାଯାଇ ପୋଚ ନଷ୍ଟ କରାଯାଉଛି।

## ବିଭାଗୀୟ ଉଦାସୀନତାକୁ ନେଇ ଅସନ୍ତୋଷ



ପଞ୍ଚାୟତ ସମିତି ସାଧାରଣ ଅଧିବେଶନରେ ଯୋଗ ଦେଇଥିବା ସଦସ୍ୟ ଓ ପ୍ରଶାସନିକ ଅଧିକାରୀମାନେ।

**ଖଣ୍ଡପଡା, ୮।୧୦(ସ୍ୱ.ପ୍ର.)**

### ଖଣ୍ଡପଡ଼ା ପଞ୍ଚାୟତ ସମିତି ସାଧାରଣ ଅଧିବେଶନ

ଖଣ୍ଡପଡା ପଞ୍ଚାୟତ ସମିତିର ଅନ୍ତିମ ତଥା ୧୩ତମ ସାଧାରଣ ଅଧିବେଶନ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଖାଦ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା ଆଦି ବିଭିନ୍ନ ବିଭାଗ ଉପରେ ଆଲୋଚନା ବେଳେ ବିଭାଗୀୟ ଉଦାସୀନତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ବିଡିଓ ଅରୁଣୀମା ସାହୁ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତି ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷା ମିନତି ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି, ଜିଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସହକାରୀ ଯନ୍ତ୍ରୀ ନକୁଳ ରାଉତ ସଭା ସଂଯୋଜନା କରିଥିବା ବେଳେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ ବଡସେଟ ଧନ୍ୟବାଦ ଦେଇଥିଲେ।

## ଖଣ୍ଡପଡ଼ାରେ ବନ୍ୟପ୍ରାଣୀ ସପ୍ତାହ ପାଳିତ



**ଖଣ୍ଡପଡ଼ା, ୮।୧୦ (ସ୍ୱ.ପ୍ର.)**

ଖଣ୍ଡପଡା ବନ ବିଭାଗ ପକ୍ଷରୁ ସାମନ୍ତ ଚନ୍ଦ୍ର ଶେଖର ଶିକ୍ଷାକେନ୍ଦ୍ର ପରିସରରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଖଣ୍ଡପଡା ବନପାଳ ଶ୍ରୀନିବାସ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବନପାଳ ଦାଶ ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

## ପଞ୍ଚାୟତ କଲାନି, ଯୁବଗୋଷ୍ଠୀ ସଫା କଲେ

**ଖଣ୍ଡପଡା, ୮।୧୦ (ସ୍ୱ.ପ୍ର.)**

ଗ୍ରାମର ଉଦ୍‌ବୃତ ଦୂଷିତ ପାଣି ରାସ୍ତା ଉପରେ ପ୍ରବାହିତ ହୋଇ ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଥିଲା। ରାସ୍ତା ପାର୍ଶ୍ୱ ବିଭିନ୍ନ ଗଛଲତାରେ ପୂର୍ଣ୍ଣ ହୋଇ ଚଳାଚଳରେ ସମସ୍ୟା ହେଉଥିଲା। ଏ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଭାପୁର ବ୍ଲକ ଅଧୀନ ପଥରଚକଡା ପଞ୍ଚାୟତ ନୂଆସାହିର ଯୁବଗୋଷ୍ଠୀ ସ୍ୱଇଚ୍ଛାରେ ସଫେଇ କାର୍ଯ୍ୟ କରିଥିବା ଜଣାଯାଇଛି। ପ୍ରକାଶ ଯେ, କଣ୍ଟିଲୋ-ପଥରଚକଡା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ରହିଛି ପଥରଚକଡାର ନୂଆସାହି ଗ୍ରାମ। ପାହାଡ ପାଦ ଦେଶରେ ଅବସ୍ଥିତ ଏହି ଗାଁ ଘରର ମଇଳା ପାଣି ଓ ବର୍ଷାଜଳ ରାସ୍ତା ପାର୍ଶ୍ୱରେ ଡ୍ରେନ ନ ଥିବାରୁ ଉପରେ ପ୍ରବାହିତ ହୋଇ ଦୂଷିତ ପରିବେଶ ସୃଷ୍ଟି କରୁଛି।

ବାରମ୍ବାର ଦାବି ସତ୍ତ୍ୱେ ପଞ୍ଚାୟତ କର୍ତ୍ତୃପକ୍ଷ ଏ ଦିଗରେ ଉଦାସୀନ ଭାବ ପ୍ରକାଶ କରିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲା। ଅପରପକ୍ଷରେ ରାସ୍ତାର ଉଭୟ ପାର୍ଶ୍ୱ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ଥିବା ବେଳେ ବିଭିନ୍ନ ଲଟାବୃକ୍ଷ ଉଠି ରାସ୍ତାକୁ ସଙ୍କୁଚିତ କରି ଦେଇଥିଲା। ରାତ୍ର କାଳରେ ସରୀସୃପ ଆତଙ୍କ ଯୋଗୁ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାକୁ ଲୋକେ ଭୟ କରୁଥିଲେ। ତେବେ ସ୍ଥାନୀୟ ଯୁବକ ସଞ୍ଜୟ କୁମାର ପ୍ରଧାନ, ପପୁ ଭଞ୍ଜ, କପିଳ ଡ଼ାଲୁଆ, ସିପୁ ରାଉତ, ବଳଭଦ୍ର ଡାଲୁଆ ପ୍ରମୁଖ ଶୁକ୍ରବାର ନିଜ କାମ ନିଜେ କରି ଅନ୍ୟମାନଙ୍କୁ ପ୍ରେରଣା ଦେବା ଲକ୍ଷ୍ୟରେ ରାସ୍ତା ଓ ନାଳ ନର୍ଦ୍ଦମା ସଫା କରିଥିଲେ।



ନୂଆସାହିର ଯୁବକମାନେ ଗାଁ ରାସ୍ତାରୁ ଲଟାଓ ଗଛ କାଟି ସଫା କରୁଛନ୍ତି।

## ନୟାଗଡ଼ ବ୍ଲକ ସରପଞ୍ଚ, ସମିତି ସଭ୍ୟ ପାଇଁ ଚିଠା ସଂରକ୍ଷଣ

**ନୟାଗଡ ଅଫିସ, ୮।୧୦**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ସ୍ଥାନ ସଂରକ୍ଷଣର ଚିଠା ବିବରଣୀ ଶୁକ୍ରବାର ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଛି। ନୟାଗଡ଼ ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ମହିଳା ସରପଞ୍ଚ ସଂରକ୍ଷଣ ତାଲିକାରେ ଇକିରି, କାଳିକାପ୍ରସାଦ, ଖୁଣ୍ଟୁବନ୍ଧ, ନାଟୁଗାଁ, ବଡ଼ପଣ୍ଡୁସର, ବାଉଶିଆପଡ଼ା, ଭାଟସାହି, ଶରଧାପୁର ଓ ଲକ୍ଷ୍ମୀପ୍ରସାଦ ଆଦି ୯ ପଞ୍ଚାୟତ ରହିଛି। ସେହିପରି ପଛୁଆବର୍ଗ ମହିଳାଙ୍କ ପାଇଁ ଗମ୍ଭାରଡ଼ିହି, ଘଡୁଆଳ, ଚଣ୍ଡିବସ୍ତ୍ର, ମୁଥାଗାଡିଆ ପଞ୍ଚାୟତ ରଖାଯାଇଛି। ଅନୁସୂଚିତ ଜାତି ମହିଳାଙ୍କ ପାଇଁ ବାଲୁଗାଁ ଓ ମାଛିପଡା ପଞ୍ଚାୟତ ସଂରକ୍ଷିତ ରହିଛି। କେନ୍ଦୁଡ଼ିପ ପଞ୍ଚାୟତ ଅନୁସୂଚିତ ଜାତି ପାଇଁ ରହିଥିବାବେଳେ ପଛୁଆ ବର୍ଗ ପାଇଁ ଗଦାଧରପ୍ରସାଦ, ଚମ୍ପତିପୁର ଓ ଜେମାଦେଇପୁର ପାଟଣା ରହିଛି। ଅସଂରକ୍ଷିତ ଭାବେ ଇଟାମାଟି, କ୍ରୀଦାଶପୁର, ନଡ଼ିଆଳି, ନବଘନପୁର, ନୋତର, ବିରୁଡା, ଶରଣକୁଳ(ଜହ୍ନିପଦା), ସିନ୍ଦୁରିଆ, ଲାଠିପଡା, ଲେଙ୍କୁଡିପଡା ଅସଂରକ୍ଷିତ ପଞ୍ଚାୟତ ରହିଛି। ବ୍ଲକର ୨୯ ପଞ୍ଚାୟତରେ ସମିତି ସଭ୍ୟ ପାଇଁ ଇକିରି, କାଳିକାପ୍ରସାଦ, କ୍ରୀଦାଶପୁର, ଘଡୁଆଳ, ନଡିଆଳି, ବାଉଁଶିଆପଡା, ସିନ୍ଦୁରିଆ, ଲାଠିପଡା ପଞ୍ଚାୟତ ମହିଳାଙ୍କ ପାଇଁ ସଂରକ୍ଷଣ ରଖାଯାଇଛି। ଅନୁସୂଚିତ ଜାତି ମହିଳାଙ୍କ ପାଇଁ କେନ୍ଦୁଡ଼ିପି, ବାଲୁଗାଁ ଏବଂ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ବିରୁଡା ପଞ୍ଚାୟତ ପ୍ରସ୍ତାବରେ ସ୍ଥାନ ପାଇଛି। ପଛୁଆବର୍ଗ ମହିଳାଙ୍କ ପାଇଁ ଚଣ୍ଡିବସ୍ତ୍ର, ନାଟୁଗାଁ, ବଡପଣ୍ଡୁସର, ମୁଥାଗାଡିଆ ସଂରକ୍ଷିତ ରହିଛି। ସେହିଭଳି ପଛୁଆବର୍ଗଙ୍କ ପାଇଁ ନବଘନପୁର ଓ ନୋତର ଏବଂ ଅନୁସୂଚିତ ଜାତିଙ୍କ ପାଇଁ ମାଛିପଡ଼ା ପଞ୍ଚାୟତ ସଂରକ୍ଷଣ କରାଯାଇଛି। ତେବେ ଇଟାମାଟି, ଖୁଣ୍ଟୁବନ୍ଧ, ଗଦାଧରପ୍ରସାଦ, ଗମ୍ଭାରିଡ଼ିହି, ଚମ୍ପତିପୁର, ଜେମାଦେଇପୁର ପାଟଣା, ଭାଟସାହି, ଶରଣକୁଳ(ଜହ୍ନିପଦା) ଶରଧାପୁର, ଲକ୍ଷ୍ମୀପ୍ରସାଦ ଓ ଲେଙ୍କୁଡିପଡ଼ା ଆଦି ଅସଂରକ୍ଷିତ ରହିଛି।

## ମହିଳାଙ୍କୁ ଅସଦାଚରଣ ମାମଲା, ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ

**ଦିଗପହଣ୍ଡି,୮।୧୦(ଡି.ଏନ.ଏ.)**

ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ସଞ୍ଜୟ ଶୁଭବ୍ରତ ଆଚାର୍ଯ୍ୟ ଶୁକ୍ରବାର ଏକ ମକଦ୍ଦମାର ଚୂଡାନ୍ତ ଶୁଣାଣି କରିଛନ୍ତି। ମହିଳାଙ୍କୁ ଅସଦାଚରଣ ଓ ଆକ୍ରମଣ ମାମଲା ନଂ ୩୬/୦୯ରେ ଶୁଣାଣି କରି ସମୁଦାୟ ୫ ସାକ୍ଷୀଙ୍କ ବୟାନ ଆଧାରରେ ଦିଗପହଣ୍ଡି ଥାନା କାଣ୍ଡସର ଗ୍ରାମର ଏସ.ଧୋବା ରେଡ୍ଡୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨ ହଜାର ଟଙ୍କା ଜରିମାନା। ଜରିମାନା ଅନାଦେୟ ଅଧିକା ୧ ମାସ ଜେଲ ଦଣ୍ଡାଦେଶ ପାଇଁ ମାଜିଷ୍ଟ୍ରେଟ ରାୟ ପ୍ରଦାନ କରିଛନ୍ତି। ରାୟ ଶୁଣାଣି ସମୟରେ ଅଭିଯୁକ୍ତ ଜଣକ କୋର୍ଟରେ ଉପସ୍ଥିତ ଥିଲେ। ପରେ କୋର୍ଟଙ୍କ ଆଦେଶ ବଳରେ ଅଭିଯୁକ୍ତଙ୍କୁ ଜିଲା ଜଜ୍ କୋର୍ଟରେ ଅପିଲ ସୁଯୋଗ ପାଇଁ ଜାମିନ ପ୍ରଦାନ କରାଯାଇଥିଲା। ଗତ ୨୦୦୯ ଫେବୃଆରୀ ୨୦ରେ ଅଭିଯୁକ୍ତ ଜଣକ ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରିଥିବା ନେଇ ନଂ. ୧୫/୯ରେ ମାମଲା ରୁଜୁ କରାଯାଇଥିଲା। ତତ୍କାଳୀନ ଏସ୍‌ଆଇ ଯୋଶବନ୍ତ ନାରାୟଣ ପ୍ରଧାନ ମାମଲାର ତଦନ୍ତ କରି ୨୦୦୯ ଏପ୍ରିଲ ୯ରେ କୋର୍ଟରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ପ୍ରଦାନ କରିଥିଲେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ନକୁଳ ପ୍ରଧାନ ଏବଂ କ୍ୟାଡ଼ର ଏପିପି ବିପ୍ଳବ କୁମାର ମୁଦୁଲି ମାମଲା ପରିଚାଳନା କରୁଥିଲେ।

## ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ହ୍ୱିଲଚେୟାର, ଉପକରଣ ବଣ୍ଟନ

**ଖଣ୍ଡପଡା, ୮।୧୦(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ବାଣିଶ୍ରୀ ଯୋଜନାରେ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ୨୫ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ହ୍ୱିଲ ଚେୟାର ଓ ଆନୁଷଙ୍ଗିକ ଶିକ୍ଷା ଉପକରଣ ବଣ୍ଟନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ପ୍ରଭାସ କିଶୋର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ ଟ୍ରାଇ ସାଇକେଲ, ୮ଜଣଙ୍କୁ ହ୍ୱିଲ ଚେୟାର ଓ ୧୨ ଜଣଙ୍କୁ ଏମ୍‌ଆରକିଟ୍ ଓ ଆନୁଷଙ୍ଗିକ ଶୈକ୍ଷିକ ଉପକରଣ ବଣ୍ଟନ କରାଯାଇଛି। ବିଆରସିସି ରବୀନ୍ଦ୍ରନାଥ ରାଉତରାୟ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




ଭିନ୍ନକ୍ଷମମାନଙ୍କୁ ଟ୍ରାଇ ସାଇକେଲ ଓ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ କରାଯାଉଛି।

## ସ୍କୁଲ ଫାଟକ ବନ୍ଦ ପରେ ଶିକ୍ଷୟିତ୍ରୀଙ୍କ ବଦଳି ହେଲା

**ଓଡ଼ଗାଁ, ୮।୧୦ (ସ୍ୱ.ପ୍ର.)**

### ନନ୍ଦିଘୋର ନୋଡାଲ ହାଇସ୍କୁଲରେ ଛାତ୍ର ଅଶାନ୍ତି

ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଜବାହର ନୋଡାଲ ହାଇସ୍କୁଲରେ ଜଣେ ଶିକ୍ଷୟିତ୍ରୀଙ୍କ ପିଲାଙ୍କୁ ଶିକ୍ଷାଦାନ କରିବାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସମ୍ପୃକ୍ତ ଶିକ୍ଷୟିତ୍ରୀ ନବମ କ୍ଲାସ ପିଲାଙ୍କୁ ଇତିହାସ ବିଷୟ ପଢାଇବା ନିମନ୍ତେ ନିର୍ଦ୍ଦେଶ ରହିଥିଲା। ସେ କୁଆପେ ଆଦୌ କ୍ଲାସକୁ ଆସୁ ନ ଥିଲେ କି ପିଲାଙ୍କୁ ଇତିହାସ ପଢାଉ ନ ଥିଲେ। ଫଳରେ ପିଲାମାନେ ଏ ନେଇ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ପ୍ରଧାନ ଶିକ୍ଷକ ତତ୍‌କ୍ଷଣାତ୍ ବିଦ୍ୟାଳୟ ପରିଚାଳନା କମିଟି ଡକାଇବା ସହ ଏ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ତାଗିଦ୍ କରିବା ବଦଳରେ କମିଟି ପରାମର୍ଶ ଅନୁସାରେ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ନେବାରେ




ସ୍କୁଲ ଗେଟରେ ତାଲା ପକାଯାଇଥିବାରୁ ଶିକ୍ଷୟିତ୍ରୀଶିକ୍ଷକମାନେ ବାହାରେ ଠିଆ ହୋଇଛନ୍ତି।

ବିଳମ୍ବ ହେଉଥିବା ସନ୍ଦେହରେ ଶୁକ୍ରବାର ସକାଳେ ପରିଚାଳନା କମିଟିଙ୍କ ସହ କେତେକ ଅଭିଭାବକ ଛାତ୍ରୀଛାତ୍ରଙ୍କ ସହିତ ସ୍କୁଲ ଫାଟକ ବନ୍ଦ କରି ସ୍କୁଲ ଭିତରକୁ କାହାରିକୁ ଛାଡି ନ ଥିଲେ। ଏ ସମ୍ପର୍କରେ ବିଇଓ ଗୀତାଞ୍ଜଳି ସାହୁ ସୂଚନା ପାଇ ସ୍କୁଲରେ ପହଞ୍ଚି କମିଟି ସହିତ ଆଲୋଚନା କରିଥିଲେ। ସେ ଗଠନ କରିଥିବା ତଦନ୍ତ କମିଟିର ରିପୋର୍ଟ ଅନୁସାରେ ଡିଇଓ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଶରଣକୁଳ ବାଳିକା ହାଇସ୍କୁଲକୁ ବଦଳି କରିଥିବା ବିଇଓ ସାହୁ ସୂଚନା ଦେଇଛନ୍ତି।

